# Akashvani, Sambalpur

## SAMBALPURI NEWS BULLETIN

### 21 December 2025 – 6.47- 6.52 am.

*********************************************

ବିଦ୍ୟାଲୟ- ମହାକାଶ୍ ବିଜ୍ଞାନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଛାତ୍ରଛାତ୍ରୀମାନ୍‌କୁ ମହାକାଶ୍ ବିଜ୍ଞାନ୍ ଆଡ଼୍‌କେ ଆକୃଷ୍ଟ କର୍‌ବାର୍ ଲାଗି ସର୍‌କାର୍ ପ୍ରାଥମିକତ ଦଉଛନ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ମହାକାଶ୍‌ଚାରୀ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କର୍ ସହେତେ ସୌଜନ୍ୟମୂଲକ୍ ସାକ୍ଷାତ୍ ଅବ୍‌ସରେ ଶ୍ରୀ ପ୍ରଧାନ୍ ମହାକାଶ୍ ବିଦ୍ୟା ଆଉ ଗବେଷଣାକେ ବିଦ୍ୟାଲୟ ଆଉ ଉଚ୍ଚଶିକ୍ଷାସ୍ତର୍‌ଥି ସାମିଲ୍ କରାଯିବାର୍ ଉପ୍‌ରେ ଜୋର୍ ଦେଇଛନ୍ । କେନ୍ଦ୍ରମନ୍ତ୍ରୀ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶ୍ ଆଏଜ୍ ମହାକାଶ୍ କ୍ଷେତ୍ରକେ ଗୁଟେ ଆଗ୍‌ଧାଡ଼ିର୍ ରାଷ୍ଟ୍ର ଭାବେ ଉଭା ହେଇଛେ ।

ଏ.ଆଇ. ଇମ୍ପାକ୍ଟ ସମ୍ମିଳନୀ          ପି.ଆଇ.ବି

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ଆଂଚଳିକ ଏ.ଆଇ. ଇମ୍ପାକ୍ଟ ସମ୍ମିଳନୀ -୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍

ହେଇଯାଇଛେ । ସମ୍ମିଲନୀର୍ ଶେଷ୍ ଦିନେ ଭାଷା, ପ୍ରଶାସନ୍, ସ୍ୱାସ୍ଥ୍ୟ କ୍ଷେତ୍ରେ ଏ.ଆଇର୍ ବେଭାର୍ ଉପ୍‌ରେ ଆଲୋଚନା ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ସମ୍ମିଲନୀ ଭାରତ୍ ସର୍‌କାର୍‌ଙ୍କର୍ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଲୟର୍ ଇଣ୍ଡିଆ ଏ.ଆଇ. ମିଶନ୍ ସହଯୋଗ୍‌ରେ ଆୟୋଜିତ୍ ହେଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଉ ପ୍ରଯୁକ୍ତିବିଦ୍ୟା ବିଭାଗ୍‌ର ପ୍ରମୁଖ ସଚିବ ବିଶାଲ୍ କୁମାର୍ ଦେବ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

୨ ଦିନିଆ ନିବେଶକ୍ ସମ୍ମିଲନୀରେ ଯୋଗ୍ ଦେବାର୍ ଲାଗି ହାଇଦ୍ରାବାଦ୍ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ବୁଲିକରି ଜଗତ୍‌ଗୁରୁ ରାମାନୁଜାଚାର୍ଯ୍ୟଙ୍କର୍ ଆଶିର୍ବାଦ୍ ନେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଶ୍ରୀ ତ୍ରିଦାନ୍ଦି ଅହୋବିଲା ରାମାନୁଜ ଜି.ଆର. ସ୍ୱାମୀ ଙ୍କର୍ ଲିଖିତ ଓଡ଼ିଆ ଭଜନ୍‌ର ଲୋକାର୍ପଣ୍ କରିଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ଖାଲି ଭାରତ୍‌ର ଆଧ୍ୟାତ୍ମିକ୍ ଯାତ୍ରାର୍ ଗୁଟେ ଅଂଶ୍ ନୁହେଁ ଇଟା ସାମାଜିକ୍ ସମାନତାର୍ ମୂଲ୍ୟବୋଧ ଆଏ ।

ଗାଡ଼ି- ପ୍ରଦୁଷଣ୍ ସାର୍ଟିଫିକେଟ୍        ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ  ପ୍ରଦୂଷଣ୍ ପ୍ରମାଣ୍ପତ୍ର ନାଇଁଥିବା ଗାଡ଼ିମାନ୍କୁ ପେଟ୍ରୋଲ୍ ଟାଙ୍କିମାନ୍କେ ଏତ୍କର ତେଲ୍ ନାଇଁ ଦିଆଯାଏ । ଇ ବାବ୍ଦେ ସବୁ ତେଲ୍ କମ୍ପାନୀମାନ୍କୁ ରାଜ୍ୟ ପରିବହନ୍ ବିଭାଗ୍ ତର୍ଫୁ ଚିଠି କରାଯାଇଛେ । ରାଜ୍ୟ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଆଉ ବିଭାଗୀୟ ସଚିବ ଉଷା ପାଢ଼ୀ ଆଉ ଅଲ୍ଗା ବରିଷ୍ଠ ଅଧିକାରୀମାନ୍କର୍ ଉପସ୍ଥିତିଥି ଗଲାକାଏଲ୍ ଇ ନିଷ୍ପତି ବାବ୍ଦେ ଘୋଷ୍ନା କରାଯାଇଛେ । ମୋଟର୍ଯାନ ନିୟମ୍ ଭାଙ୍ଗିକରି ପ୍ରଦୂଷଣ୍ ସୃଷ୍ଟି କରୁଥିବା ଗାଡ଼ିମାନ୍କର୍ ଉପ୍ରେ ରୋକ୍ ଲଗାବାର୍ ଲାଗି ରାଜ୍ୟ ଆଉ ବାଣିଜ୍ୟ ପରିବହନ୍ ବିଭାଗ୍ ତର୍ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା  ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଉ ଓଡ଼ିଶା ଖଣି ଆଦର୍ଶ ବିଦ୍ୟାଳୟର୍ ପ୍ରବେଶିକା ପରୀକ୍ଷା ଆଏବା ମାସ ୯ ତାରିଖ୍ ହେବା । ଇଥିର୍ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ଟ୍ରେନ୍- ଜେନେରାଲ୍ ଟିକେଟ୍        ଆର୍ଏନ୍ୟୁ/ ସମ୍ବଲପୁର

ଏତ୍‌କର ଟ୍ରେନ୍‌ଥି ଯାତ୍ରା କଲା ବେଲ୍‌କେ ଜେନେରାଲ୍ ଟିକେଟ୍‌ର ପ୍ରିଂଟ୍ ରଖ୍‌ବାର୍ ଜରୁରୀ ନୁହେଁ ବଲି ଭାରତୀୟ ରେଲ୍‌ବାଇ ତର୍‌ଫୁ ସ୍ୱଷ୍ଟିକରଣ୍ ଦିଆଯାଇଛେ । ଅଣସଂରକ୍ଷିତ୍ ଟିକେଟ୍ ସିଷ୍ଟମ୍ ମୋବାଇଲ୍ ଆପ୍‌ଥି କରାଯାଇଥିବା ଟିକେଟ୍‌ର ପ୍ରିଂଟ୍ ଆଉଟ୍ କାଢ୍‌ବାର୍‌ଟା ଜରୁରୀ ନୁହେଁସେ । ଟ୍ରେନ୍ ଯାତ୍ରା ବେଲ୍‌କେ ଲୋକ୍‌ମାନେ ନିଜର୍ ମୋବାଇଲ୍ ଆପ୍ଲିକେସନ୍‌ଥି ଟିକେଟ୍ ଦେଖେଇକରି ଯାତ୍ରା କରିପାର୍‌ବେ ବଲି ଭାରତୀୟ ରେଲ୍‌ବାଇ ତର୍‌ଫୁ କୁହାଯାଇଛେ ।

ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ଯଦୁମଣି ପ୍ରଧାନ୍ ପ୍ରେକ୍ଷାଳୟ ନ ଚାଲିଥିବା ୨ ଦିନିଆ ଜିଲ୍ଲାସ୍ତରୀୟ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ମେଳାକେ ସ୍ୱତନ୍ତ୍ର ଭାବେ ଆସିଥିବା ପୁଙ୍ଗନୁର୍ ଗାଈର ଗୋପୂଜନ୍ ସହେତେ ଉସ୍ବ୍‌କେ ଶୁଭାରମ୍ଭ କରିକରି ଶ୍ରୀ ଷଡ଼ଙ୍ଗୀ ଚାଷୀମାନେ ପାରମ୍ପାରିକ୍ ଚାଷ୍ ସହେତେ ମାଛ୍ ଚାଷ୍ ଆଉ ପଶୁପାଳନ୍ କରିକରି ସ୍ୱାବଲମ୍ବୀ ହେବାର୍ ସହେତେ ଆର୍ଥିକ୍ ବିକାଶ୍ କରିପାର୍‌ବେ ବଲି କହିଛନ୍ ।

ବି.ଭି. ଜି. ରାମ୍. ଜି ବିଲ୍          ପି.ଆଇ.ବି.

କେନ୍ଦ୍ର ସରକାରଙ୍କର ବିକଶିତ୍ ଭାରତ୍ - ନିର୍ଶ୍ଚିତ୍ ରୋଜ୍ଗାର୍ ଆଜୀବିକା ମିଶନ୍ ଗ୍ରାମୀଣ-ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ଥି ଗ୍ରାମୀଣ ଶ୍ରମିକ୍ମାନ୍କୁ ୨୫ ପ୍ରତିଶତ୍ ଅଏତ୍କା ରୋଜ୍ଗାର୍ ବ୍ୟବସ୍ଥା କରାଯାଇଛେ । ମନରେଗା ଯୋଜ୍ନାଥି କାମ୍ ସବୁକେ ବହୁତ୍ଟେ ବର୍ଗଥି ଭାଗ୍ ଭାଗ୍ କରାଯାଇଥିଲା ଆଉ ତାର୍ କେନ୍ସି ବର୍କସ୍ ଜାତୀୟ ରଣନୀତି ନାଇଁ ଥାଇ ।

ଧନୁଯାତ୍ରା       ଆର୍ଏନ୍ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ୭୮ ନମ୍ବର ବର୍ଗଡ଼୍ ଧନୁଯାତ୍ରା ଆଉ ୩ ଦିନ୍ ଉତ୍ରୁ ମୁଲ୍ ହେବାର୍କେ ଯାଉଛେ । ଇଥିର୍ଲାଗି ଗଲା ୨ ତାରିଖ୍ନୁ ମୁଲ୍ ହେଇଥିବା ଧନୁ ଆଖଡ଼ା ଗଲାକାଏଲ୍ ବିଧିବଦ୍ଧ ଭାବେ ଶେଷ୍ ହେଇଛେ । ଗଲା ୨୦ ଦିନ୍ ଧରିକରି କଲାକାର୍ମାନେ ଅଭିନୟ ଆଉ ସଂଳାପର ଅଭ୍ୟାସ୍ ଜାରି ରଖିଥିଲେ । ଯାତ୍ରାକେ ନେଇକରି ଭିନ୍ ଭିନ୍ ବିଭାଗ୍ ତର୍ଫୁ ପ୍ରସ୍ତୁତି ଜୋର୍ସୋର୍ଥି ଚାଲିଛେ ।

କୁହୁଡ଼ି ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବହଲିଆ କୁହୁଡ଼ି ଆଶଙ୍କା ଥିବା ୬ ଟା ଜିଲ୍ଲା ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, କଲାହାଣ୍ଡି, କନ୍ଧମାଲ୍, ସୁନ୍ଦର୍‌ଗଡ଼୍ ଆଉ କୋରାପୁଟ୍ ଜିଲ୍ଲାର୍ ଆଂଚଲିକ୍ ପରିବହନ୍ ଅଧିକାରୀମାନ୍‌କୁ ରାଜ୍ୟ ପରିବହନ୍ ବିଭାଗ୍ ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଇସବୁ ଜିଲ୍ଲାର୍ ଆର୍‌ଟିଓମାନେ କୁହୁଡ଼ିଥି କେନ୍ତାକରି ଦୁର୍ଘଟଣାକେ କମ୍ କରାଯାଇପାର୍‌ବା ସେ ଦିଗେ ଜରୁରୀ ପଦକ୍ଷେପ୍ ନେବାର୍‌କେ କୁହାଯାଇଛେ । ଫି’ ଜିଲ୍ଲାର୍ ଆର୍‌ଟିଓମାନେ ସେମାନ୍‌କର୍ ଇଲାକା ନ ଏନ୍‌ଫୋର୍ସମେଂଟ୍‌କେ ଜୋର୍ ଦେବାର୍‌କେ ଭିଲ୍ କୁହାଯାଇଛେ । ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନାଙ୍କର୍ ନିର୍ଦ୍ଦେଶ୍‌ଥି ମାର୍ଗଦର୍ଶିକା ଜାରି କରାଯାଇଛେ ଆଉ ଇତାକେ ନେଇକରି ଜିଲ୍ଲାର୍ ଆଂଚଲିକ୍ ପରିବହନ୍ ଅଧିକାରୀମାନ୍‌କର୍ ଆଭାସୀ ଜରିଏ ଗୁଟେ ବୈଠକ୍ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ୮ ଟା ସହରର୍

ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ଲାଗି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।